# REGIONAL NEWS UNIT, AIR CUTTACK

## Mid-day Bulletin (2.32 PM)

### 22 November - 2024

### News Editor : Tapan Kumar Maharana

**********************************

## ମୁଖ୍ୟ ସମ୍ବାଦ

- ବିଧାନସଭାର ଶୀତକାଳୀନ ଅଧିବେଶନ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଆସନ୍ତାକାଲି ହେବ ମନ୍ତ୍ରୀପରିଷଦର ବୈଠକ l

  - ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ୨୫ ତାରିଖ ଦିନ ସର୍ବଦଳୀୟ ବୈଠକ l

- ଓଡ଼ିଆ ସଂସ୍କୃତିର ପ୍ରଚାର ଓ ସୁରକ୍ଷା ପାଇଁ ଆଜିଠାରୁ ଦିଲ୍ଲୀରେ ଆୟୋଜିତ ହେଉଛି ଓଡ଼ିଶା ପର୍ବ-୨୦୨୪ l

- ମହାନ୍ ବିପ୍ଳବୀ ଶହୀଦ ଲକ୍ଷ୍ମଣ ନାଏକଙ୍କ ଜନ୍ମଜୟନ୍ତୀ ରାଜ୍ୟବ୍ୟାପୀ ପାଳିତ l

- ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ଭାଗନେବା ପାଇଁ ଆଜିଠାରୁ ଆବେଦନ ଆରମ୍ଭ l

ଏବଂ

- ଆସନ୍ତା ୨ ଦିନ ପର୍ଯ୍ୟନ୍ତ ପାଗରେ ବିଶେଷ ପରିବର୍ତ୍ତନ ନ ଥିବା ନେଇ ପାଣିପାଗ ବିଭାଗର ସୂଚନା l

*Desk*

## ବିଧାନସଭା ଶୀତକାଳୀନ ଅଧିବେଶନ

ବିଧାନସଭା ଶୀତକାଳୀନ ଅଧିବେଶନ ଆସନ୍ତା ୨୬ ତାରିଖ ମଙ୍ଗଳବାରଠାରୁ ଆରମ୍ଭ ହେବ। ବିଧାନସଭା ପୂର୍ବରୁ ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ମନ୍ତ୍ରୀପରିଷଦ ବୈଠକ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି। ବୈଠକରେ ଚଳିତ ଆର୍ଥିକ ବର୍ଷ ପାଇଁ ଅତିରିକ୍ତ ବଜେଟ୍‌କୁ ମନ୍ତ୍ରୀପରିଷଦର ଅନୁମୋଦନ ମିଳିବାର ସମ୍ଭାବନା ଅଛି। ଶୀତକାଳୀନ ଅଧିବେଶନର ପ୍ରଥମ ଦିନରେ ମୁଖ୍ୟମନ୍ତ୍ରୀ ଗୃହରେ ଅତିରିକ୍ତ ବଜେଟ୍ ଉପସ୍ଥାପନ କରିବେ। ଡିସେମ୍ବର ୫ ତାରିଖରେ ଗୃହରେ ଅତିରିକ୍ତ ବଜେଟ ଉପସ୍ଥାପନ କରାଯିବ। ସୂଚନାଯୋଗ୍ୟ ବିଧାନସଭାର ଶୀତକାଳୀନ ଅଧିବେଶନ ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଅଧିବେଶନରେ ମୋଟ ୩୦ଟି କାର୍ଯ୍ୟଦିବସ ରହିଛି। ଏହାକୁ ସୁଚାରୁରୂପେ ସମ୍ପାଦନ କରିବା ପାଇଁ ବାଚସ୍ପତି ସୁରମା ପାଢ଼ୀ ଆସନ୍ତା ୨୫ ତାରିଖ ସୋମବାର ଦିନ ସର୍ବଦଳୀୟ ବୈଠକ ଡାକିଛନ୍ତି।

*Desk*

## ଓଡ଼ିଶା ପର୍ବ

ଓଡ଼ିଆ ସଂସ୍କୃତିର ପ୍ରଚାର ଓ ସୁରକ୍ଷା ପାଇଁ ଓଡ଼ିଆ ସମାଜ ପକ୍ଷରୁ ଆଜିଠାରୁ ଦିଲ୍ଲୀରେ ଓଡ଼ିଶା ପର୍ବ-୨୦୨୪ ଆୟୋଜିତ ହେଉଛି। ଜବାହରଲାଲ ନେହେରୁ ଷ୍ଟାଡିୟମରେ ୩ ଦିନ ଧରି ହେବାକୁ ଥିବା ଏହି

କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ବହୁ କେନ୍ଦ୍ରମନ୍ତ୍ରୀ ତଥା ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି। ଏହି ପର୍ବରେ ରାଜ୍ୟର ସାମାଜିକ, ସାଂସ୍କୃତିକ ଓ ରାଜନୈତିକ ମୂଲ୍ୟବୋଧକୁ ଆଧାରିତ କରି ପ୍ରଦର୍ଶନୀର ଆୟୋଜନ କରାଯାଇଛି। ରାଜ୍ୟର କୋଣ ଅନୁକୋଣର ହସ୍ତଶିଳ୍ପ, ହସ୍ତତନ୍ତ, ନୃତ୍ୟ ଓ ସଂଗୀତ କଳାକାରମାନେ ଓଡ଼ିଶା ପର୍ବ-୨୦୨୪ରେ ଭାଗ ନେବେ।

ଏହି ପର୍ବରେ ଓଡ଼ିଆ ଭାଷା ସାହିତ୍ୟର ସମୃଦ୍ଧ ଐତିହ୍ୟକୁ ପାଳନ କରିବା ସହିତ ଓଡ଼ିଆ ଲେଖକ ଓ ପ୍ରକାଶକମାନେ ଭାଗନେଇ ସେମାନଙ୍କ ପୁସ୍ତକକୁ ଏହି ଜାତୀୟ ମଞ୍ଚରେ ପ୍ରଦର୍ଶନର ଆୟୋଜନ କରାଯାଇଛି। ପ୍ରଦର୍ଶନୀରେ ୪୫ଟି ଓଡ଼ିଆ ଫୁଡ୍‌ଷ୍ଟଲ, ୨୫ ହସ୍ତତନ୍ତ ଓ କଳା ଉତ୍ପାଦ ଷ୍ଟଲ ତଥା ଓଡ଼ିଶାକୁ ପ୍ରଦର୍ଶିତ କରୁଥିବା ଷ୍ଟଲଗୁଡ଼ିକ ପ୍ରଦର୍ଶିତ ହେବ ବୋଲି ଜଣାପଡିଛି।

***Desk, Ganjam***

# ଲକ୍ଷ୍ମଣ ନାୟକ ଜୟନ୍ତୀ-୧

ମହାନ ବିପ୍ଳବୀ ଶହୀଦ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ ଆଜି ପାଳନ କରାଯାଉଛି । ଶହୀଦ ଲକ୍ଷ୍ମଣ ନାୟକ ଅବିଭକ୍ତ କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକର ତେନ୍ତୁଳିଗୁମ୍ମା ଗ୍ରାମରେ ୧୮୯୯ ମସିହା ଆଜିର

ଦିନରେ ଜନ୍ମଗ୍ରହଣ କରିଥିଲେ। ମହାତ୍ମା ଗାନ୍ଧୀଙ୍କ ଡାକରାରେ ସ୍ୱାଧୀନତା ଆନ୍ଦୋଳନରେ ସାମିଲ ହୋଇ ତାଙ୍କର ଅଞ୍ଚଳରେ ଲୋକମାନଙ୍କୁ ସ୍ୱାଧୀନତାର ଚିନ୍ତାଧାରାରେ ପ୍ରେରିତ ହେବା ସହିତ ନିର୍ଭୀକ ହେବା ପାଇଁ ପ୍ରବର୍ତ୍ତାଉଥିଲେ। ଅହିଂସା ମାର୍ଗରେ ପରିଚାଳିତ ହେବା ଏବଂ ମଦ୍ୟପାନ ତ୍ୟାଗ କରି ଏକ ଶୃଙ୍ଖଳିତ ଜୀବନଯାପନ କରିବାର ବାର୍ତ୍ତା ପ୍ରଚାର କରୁଥିବାରୁ ମାଲକାନଗିରିର ଗାନ୍ଧୀ ବୋଲି କୁହାଯାଉଥିଲା।

ମହାନ ବିପ୍ଳବୀ ଶହୀଦ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ ପାଳନ ଅବସରରେ ଭୁବନେଶ୍ୱର ଜୟଦେବ ଭବନରେ ଆଜି ସନ୍ଧ୍ୟାରେ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ନବରଙ୍ଗପୁର ସାଂସଦ ବଳଭଦ୍ର ମାଝିଙ୍କ ସମେତ କୋରାପୁଟ ଜିଲ୍ଲାର ସାଂସଦ ଓ ବିଧାୟକମାନେ ଯୋଗଦେବେ।

ଶହୀଦ ଲକ୍ଷ୍ମଣ ନାଏକ ସ୍ୱାଧୀନତା ସଂଗ୍ରାମରେ ଭାଗନେଇ ବ୍ରିଟିଶ ସରକାରଙ୍କ ଆକ୍ରୋଶର ଶିକାର ହୋଇଥିଲେ। ଶେଷରେ ବ୍ରହ୍ମପୁର ଜେଲରେ ଶହୀଦ ହୋଇଥିଲେ।

କୋରାପୁଟ ଜିଲ୍ଲାର ତେନ୍ତୁଳିଗୁମ୍ମାଠାରେ ଶହୀଦ ଲକ୍ଷ୍ମଣ ନାଏକଙ୍କ ସ୍ମୃତିରେ ଏକ ସଭାର ଆୟୋଜନ କରାଯାଇଛି। ଏଥିରେ କୋଟପାଡ଼ ବିଧାୟକଙ୍କ ସମେତ ସ୍ଥାନୀୟ ପ୍ରଶାସନିକ ଅଧିକାରୀ ଯୋଗଦେଇ ଅମର ଆତ୍ମାର ଦେଶାତ୍ମକ ଭାବର ଆଲୋଚନା କରିଥିଲେ।

ବ୍ରହ୍ମପୁର ମଣ୍ଡଳ କାରାଗାରରେ ଶହୀଦ ଲକ୍ଷ୍ମଣ ନାୟକଙ୍କ ଜନ୍ମଜୟନ୍ତୀ ଜିଲ୍ଲା ସୂଚନା ଲୋକସମ୍ପର୍କ ବିଭାଗ ପକ୍ଷରୁ ପାଳିତ ହୋଇଯାଇଛି ।

***Desk***

# ଲକ୍ଷ୍ମଣ ନାୟକ ଜୟନ୍ତୀ-୨

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶହୀଦ ଲକ୍ଷ୍ମଣ ନାୟକଙ୍କୁ ସ୍ମରଣ କରି ସାମାଜିକ ଗଣମାଧ୍ୟମରେ କହିଛନ୍ତି ଏହି ମହାନ୍ ସ୍ୱାଧୀନତା ସଂଗ୍ରାମୀଙ୍କୁ ଆଦିବାସୀମାନଙ୍କ ଗାନ୍ଧୀ ବୋଲି ଅଭିହିତ କରିଛନ୍ତି । ଆଦିବାସୀଙ୍କ ଅଧିକାର ଓ ସୁରକ୍ଷା ପାଇଁ ତାଙ୍କର ସଂଗ୍ରାମ ଚିରସ୍ମରଣୀୟ ହୋଇ ରହିବ ।  କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ଜନଜାତି ଜନନାୟକ ଶହୀଦ ଲକ୍ଷ୍ମଣ ନାୟକଙ୍କୁ ସାମାଜିକ ଗଣମାଧ୍ୟମରେ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି ।

***Desk***

# ବାଣିଜ୍ୟ ମେଳା

ନୂଆଦିଲ୍ଲୀରେ ଆଜି ୪୩ତମ ଭାରତ ଆନ୍ତର୍ଜାତିକ ବାଣିଜ୍ୟ ମେଳା-୨୦୨୪ର ଉଦ୍‌ଘାଟନୀ ସମାରୋହରେ ଓଡ଼ିଶାର ବାଣିଜ୍ୟଭିତ୍ତିକ ବିଭିନ୍ନ କାର୍ଯ୍ୟକ୍ରମମାନ ସ୍ଥାନ ପାଇବ । ନୂଆଦିଲ୍ଲୀର ଭାରତ ମଣ୍ଡପମ୍ ପରିସରରେ ଅପରାହ୍ନରେ ଆୟୋଜିତ ହେବାକୁ ଥିବା ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବେ । କେନ୍ଦ୍ରମନ୍ତ୍ରୀ

ଧର୍ମେନ୍ଦ୍ର ପ୍ରଧାନ, ଅଶ୍ୱିନୀ ବୈଷ୍ଣବ ଏବଂ ଜୁଏଲ୍ ଓରାମ ଏହି ସମାରୋହରେ ଉପସ୍ଥିତ ରହିବେ।

***Desk***

# ପୁରସ୍କାର

ରାଜ୍ୟର ୩ ଜଣ କଳାକାର ଉସ୍ତାଦ ବିସ୍‌ମିଲା ଖାଁ ଯୁବ ପୁରସ୍କାର ପାଇବେ। ଓଡ଼ିଶୀ ନୃତ୍ୟଶିଳ୍ପୀ ଅରୁପା ଗାୟତ୍ରୀ ପଣ୍ଡା, ଦେବାଶିଷ ପଟ୍ଟନାୟକ ଓ ଲୋକନୃତ୍ୟ ଶିଳ୍ପୀ ଆଲୋକ ବିଷୋୟୀଙ୍କୁ ପୁରସ୍କୃତ କରାଯିବ। ୨୦୨୨ ବର୍ଷ ପାଇଁ ଅରୁପାଙ୍କୁ ଏହି ପୁରସ୍କାର ଦିଆଯାଉଥିବା ବେଳେ ଅନ୍ୟ ୨ଜଣ ୨୦୨୩ ବର୍ଷ ପାଇଁ ପୁରସ୍କୃତ ହେବେ। ନୂଆଦିଲ୍ଲୀର ଡକ୍ଟର ଆମ୍ବେଦକର ନ୍ୟାଶନାଲ୍ ସେଣ୍ଟରରେ ଏହି କଳାକାରମାନଙ୍କୁ ଆଜି ପୁରସ୍କୃତ କରାଯିବ।

***Desk***

# ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୪ ତାରିଖ ରବିବାର ଦିନ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ। ଏହା ପ୍ରଧାନମନ୍ତ୍ରୀଙ୍କ  ମନ୍ କୀ ବାତ୍ କାର୍ଯ୍ୟକ୍ରମର ୧୧୬ତମ ସଂସ୍କରଣ ହେବ। ମନ୍ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ କେନ୍ଦ୍ର, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍

ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ। ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ପ୍ରଧାନମନ୍ତ୍ରୀଙ୍କର ମନ୍ କୀ ବାତ୍ କାର୍ଯ୍ୟକ୍ରମର ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ। ପ୍ରଧାନମନ୍ତ୍ରୀଙ୍କର ସମ୍ବୋଧନ ପରେ ଆଞ୍ଚଳିକ ଭାଷାରେ ମନ୍ କୀ ବାତ୍ ପ୍ରସାରଣ କରାଯିବ। ଆଞ୍ଚଳିକ ଭାଷାରେ ମନ୍ କି ବାତ୍‌ର ଭାଷାନ୍ତର ପୁଣିଥରେ ସେହିଦିନ ରାତି ୮ଟାରେ ପ୍ରସାରଣ କରାଯିବ।

***Desk***

# ବରିଷ୍ଠ ତୀର୍ଥଯାତ୍ରା ଯୋଜନା

ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ୬୦ ବର୍ଷରୁ ଊର୍ଦ୍ଧ୍ୱ ଏବଂ ୭୫ ବର୍ଷରୁ କମ୍ ବୟସର ଓଡ଼ିଶାର ସ୍ଥାୟୀବାସୀଙ୍କଠାରୁ ତୀର୍ଥଯାତ୍ରା ପାଇଁ ଆଜିଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି। ଆସନ୍ତାମାସ ୧୨ ତାରିଖ ପର୍ଯ୍ୟନ୍ତ ଆବେଦନପତ୍ର ଗ୍ରହଣ କରାଯିବ। ସବିଶେଷ ତଥ୍ୟ ଏବଂ ଆବେଦନ ଫର୍ମ ପାଇଁ ଜିଲ୍ଲାପାଳ, ଜିଲ୍ଲା ପର୍ଯ୍ୟଟନ ଉନ୍ନୟନ ଅଧିକାରୀ, ବ୍ଲକ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ ଏବଂ ରାଜ୍ୟ ପର୍ଯ୍ୟଟନ ବିଭାଗ ୱେବ୍‌ସାଇଟ୍‌ରେ ଉପଲବ୍ଧ ହେଉଛି। ବରିଷ୍ଠ ଯାତ୍ରୀମାନଙ୍କର ତୀର୍ଥଯାତ୍ରା ଆସନ୍ତା ଡିସେମ୍ବର ମାସରୁ ମାର୍ଚ୍ଚମାସ ମଧ୍ୟରେ ହେବ ବୋଲି ସରକାରୀ ସୂଚନାରୁ ଜଣାପଡ଼ିଛି।

***Ctc***

## ବାଲିଯାତ୍ରା

ଐତିହାସିକ କଟକ ବାଲିଯାତ୍ରାର ଆଜି ଅଷ୍ଟମ ସନ୍ଧ୍ୟାରେ ମେଳା ପଡ଼ିଆରେ ଦର୍ଶକଙ୍କ ଭିଡ଼ ପରିଲକ୍ଷିତ ହୋଇଛି। ବିଭିନ୍ନ ଘରକରଣା ଜିନିଷ ଏବଂ ଦୋକାନ ବଜାରରେ ଭଲ ବ୍ୟବସାୟ ହେଉଥିବା ଦେଖିବାକୁ ମିଳିଛି। ଏହାସହ ସନ୍ଧ୍ୟାରେ ହେଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ବେଶ୍ ଆକର୍ଷଣ କରୁଛି। ତଳପଡ଼ିଆରେ ଥିବା ଜାତୀୟ ପଲ୍ଲିଶ୍ରୀ ମେଳାର ଓରମାସ ଷ୍ଟଲରେ ଗତକାଲି ସୁଦ୍ଧା ୧୭କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବ୍ୟବସାୟ ହୋଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି।

***Desk***

## ପୁସ୍ତକମେଳା-ପୁରସ୍କାର

ଚଳିତବର୍ଷ ରାଜଧାନୀ ପୁସ୍ତକମେଳାରେ ଓଡ଼ିଆ ଭାଷା ସାହିତ୍ୟର ୧୨ଟି ବିଭାଗ ପାଇଁ ପୁରସ୍କାର ଦିଆଯିବ। ଏହା ବ୍ୟତୀତ ୩୦ ବର୍ଷରୁ କମ୍ ବୟସ୍କ ୩ ଜଣ ଯୁବ ସାହିତ୍ୟିକଙ୍କୁ ଯୁବକବି, ଯୁବ ଗାଳ୍ପିକ ଓ ଯୁବ ଶିଶୁ ସାହିତ୍ୟିକ ପୁରସ୍କାର ପ୍ରଦାନ କରାଯିବ। ଗତ ୩ ବର୍ଷ ମଧ୍ୟରେ ପ୍ରକାଶିତ ପୁସ୍ତକକୁ ବିଚାରକୁ ନିଆଯାଇ ଏହି ପୁରସ୍କାର ପ୍ରଦାନ କରାଯିବ ବୋଲି ମେଳା ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

***Ganjam***

## କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ

ଗଞ୍ଜାମ ଜିଲ୍ଲା ଛତ୍ରପୁରଠାରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ୩ ଦିନିଆ ଉପଖଣ୍ଡ ସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ରାଜ୍ୟ ଇସ୍ପାତ, ଖଣି, ପରିବହନ ଓ ବାଣିଜ୍ୟ ବିଭାଗର ମନ୍ତ୍ରୀ ବିଭୂତିଭୂଷଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମେଳାରେ କୃଷି ଓ କୃଷକମାନଙ୍କୁ ସଶକ୍ତ କରିବା ନେଇ ବୈଷୟିକ ଶିକ୍ଷା ମାଧ୍ୟମରେ କିପରି ଉନ୍ନତ ମାନର ଚାଷ କରାଯାଇପାରିବ ସେ ନେଇ ଆଲୋଚନା ହେଉଛି।

***Desk***

## ୟୁନିସେଫ୍ ରିପୋର୍ଟ

ଆସନ୍ତା ୨୦୫୦ ମସିହା ସୁଦ୍ଧା ଭାରତରେ ଶିଶୁଙ୍କ ସଂଖ୍ୟା ୧୦ କୋଟି ୬ ଲକ୍ଷ ହ୍ରାସ ପାଇବ ବୋଲି ୟୁନିସେଫ୍ ତରଫରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି। ରିପୋର୍ଟର ତଥ୍ୟ ଅନୁସାରେ ୨୦୫୦ ସୁଦ୍ଧା ବିଶ୍ୱରେ ଶିଶୁଙ୍କ ସଂଖ୍ୟା ୨୦୩ କୋଟି ଛୁଇଁବ। ଏହି ସମୟ ମଧ୍ୟରେ ଭାରତରେ ଶିଶୁଙ୍କ ସଂଖ୍ୟା ୩୫ କୋଟି ଥିବ ବୋଲି କୁହାଯାଇଛି। ଜଳବାୟୁ ପରିବର୍ତ୍ତନ, ବନ୍ୟା, ମରୁଡ଼ି ଏବଂ ବାୟୁ ପ୍ରଦୂଷଣ ଯୋଗୁଁ ଭାରତ, ଚୀନ, ନାଇଜେରିଆ ଓ ପାକିସ୍ଥାନରେ ଶିଶୁଙ୍କ ସଂଖ୍ୟା ହ୍ରାସ ପାଇବ ବୋଲି ରିପୋର୍ଟରେ କୁହାଯାଇଛି। ୟୁନିସେଫ୍ ପକ୍ଷରୁ ଶିଶୁଙ୍କ ପ୍ରତି

ବିପଦ ରହିଥିବା ୧୬୩ ରାଷ୍ଟ୍ରଙ୍କ ତାଲିକାରେ ଭାରତ ୨୬ ନମ୍ବର ସ୍ଥାନରେ ରହିଛି ।

***HS***

## ଶୀତ

ରାଜ୍ୟର ପାହାଡିଆ ଏବଂ ସମତଳ ଅଞ୍ଚଳଗୁଡ଼ିକରେ ରାତିର ସର୍ବନିମ୍ନ ତାପମାତ୍ରା କମୁଥିବାରୁ ଗତ ୧ ସପ୍ତାହ ଧରି ଶୀତ ଅନୁଭୂତ ହେଉଛି । ଆସନ୍ତା ୨ ଦିନ ପର୍ଯ୍ୟନ୍ତ ପାଗରେ ବିଶେଷ ପରିବର୍ତ୍ତନ ହେବନାହିଁ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି । କନ୍ଧମାଳ, ଅନୁଗୁଳ, ସୁନ୍ଦରଗଡ଼, କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ, ବଲାଙ୍ଗୀର ଜିଲ୍ଲାରେ ଶୀତର ପ୍ରଭାବ ଅଧିକ ରହିଛି । ଗତ ୨୪ ଘଣ୍ଟା ମଧ୍ୟରେ କନ୍ଧମାଳ ଜିଲ୍ଲାର ଘୁମୁସର ଉଦୟଗିରିରେ ରାତିର ସର୍ବନିମ୍ନ ତାପମାତ୍ରା ୭.୪ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ କରାଯାଇଥିଲା । କନ୍ଧମାଳ ଜିଲ୍ଲାର ଅଧିକାଂଶ ସ୍ଥାନରେ ତାପମାତ୍ରା ପ୍ରାୟ ୧୧ ଡିଗ୍ରୀରୁ କମ୍ ରହୁଥିବାରୁ ଅଧିକ ଥଣ୍ଡା ଅନୁଭୂତି ହେଉଛି ।